# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 July – 2025

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ କହିଲେ ପ୍ରଧାନମନ୍ତ୍ରୀ

– ୧୬ତମ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର କଲେ ବଣ୍ଟନ

– ଭୁବନେଶ୍ୱର ରେଳ ପ୍ରେକ୍ଷାଳୟଠାରେ ୨୦୪ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ରାଜ୍ୟରେ ଆଜିଠାରୁ ଡ୍ରାଇଭର ମହାସଂଘର ଆନ୍ଦୋଳନ ପ୍ରତ୍ୟାହୃତ; ସ୍ୱାଭାବିକ ହେଲା ଗାଡ଼ି ଚଳାଚଳ

- ପୁରୀ ଜିଲ୍ଲା ଡେଲାଙ୍ଗରେ ବାର୍ଡଫ୍ଲୁ ଭୂତାଣୁ ଚିହ୍ନଟ; ପ୍ରଶାସନ ପକ୍ଷରୁ ନିୟୋଜିତ ହେବେ ୫ଟି ଡାକ୍ତରୀ ଦଳ

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

# ପିଏମ୍-ରୋଜଗାର ମେଳା

ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଭାସୀ ମାଧ୍ୟମରେ ଆଜି ବିଭିନ୍ନ ବିଭାଗରେ ନବନିଯୁକ୍ତମାନଙ୍କୁ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରୋଜଗାରମେଳା ଦେଶର ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଦୁଇଟି ଅସୀମ ଶକ୍ତି ହେଉଛି- ଏହାର ଜନସଂଖ୍ୟା ଏବଂ ଅନ୍ୟଟି ଗଣତନ୍ତ୍ର । ଆଜିର ଯୁବପିଢ଼ି ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଦେଶରେ ବିକଶିତ ହେଉଥିବା ଷ୍ଟାର୍ଟଅପ୍, ନବସୃଜନ ଓ ଗବେଷଣା ଉପରେ ପର୍ଯ୍ୟବେସିତ ଇକୋସିଷ୍ଟମ୍ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O (PM-Rojgarmela)**

ଦେଶର ୪୭ଟି ସ୍ଥାନରେ ଷୋଡ଼ଶ ରୋଜଗାର ମେଳା ଅନୁଷ୍ଠିତ ହୋଇଛି । ଏପର୍ଯ୍ୟନ୍ତ ରୋଜଗାର ମେଳା ଅଧୀନରେ ୧୦ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ବଣ୍ଟାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

*Sambalpur*

# ରାଜ୍ୟ– ରୋଜଗାର ମେଳା

ଯୁବ ସଶକ୍ତୀକରଣ ଏବଂ ଜାତୀୟ ବିକାଶରେ ଯୁବପିଢ଼ିଙ୍କ ଅଂଶଗ୍ରହଣ ପାଇଁ ରୋଜଗାର ମେଳା ଉପଯୁକ୍ତ ସୁଯୋଗ ପ୍ରଦାନ କରୁଛି ବୋଲି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରର ରେଳ ପ୍ରେକ୍ଷାଳୟଠାରେ ୧୬ତମ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି, ରୋଜଗାର ମେଳା ମାଧ୍ୟମରେ ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଯୁବପିଢ଼ିଙ୍କ ନବସୃଜନ, ଦକ୍ଷତା ଏବଂ ନେତୃତ୍ୱ -୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

**- V/O -**

ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୨୦୪ ଜଣ ଯୁବକଯୁବତୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟଠାରେ ରେଳବାଇ ପକ୍ଷରୁ ରୋଜଗାର ମେଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଜିଲ୍ଲାର ୪୫ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ସେଥିମଧ୍ୟରେ ରେଳବାଇର ୩୫ ଜଣ ଓ ଡାକ

ବିଭାଗର ୧୦ ଜଣଙ୍କୁ ନିଯୁକ୍ତିପତ୍ର ମିଳିଛି। ସମସ୍ତ ନବନିଯୁକ୍ତ ପ୍ରାର୍ଥୀ ଦେଶ ଗଠନରେ ଭାଗିଦାରୀ ହୁଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି।

***Desk***

## ଧର୍ମଘଟ - ବସ୍ ଚଳାଚଳ

ଯାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଜିଠାରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିବା ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି । ପୁରୀଠାରେ ଗତକାଲି ଅନୁଷ୍ଠିତ ହୋଇଥିବା ବସ୍ ମାଲିକ ସଂଘର ନିଷ୍ପତ୍ତି ଅନୁସାରେ କଟକ ଏବଂ ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରର ବସ୍‌ଷ୍ଟାଣ୍ଡ୍‌ଗୁଡ଼ିକରୁ ବସ୍ ଚଳାଚଳ କରୁଛି । ଅନ୍ୟପକ୍ଷରେ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ ବୋଲି ଡ୍ରାଇଭର ମହାସଂଘ ପକ୍ଷରୁ କୁହାଯାଇଛି ।

***Desk***

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ତାରିଖ ସୋମବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସୋମବାର ଦିନ ଅପରାହ୍ନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଞ୍ଚିବେ। ଏହାପରେ ଦୁଇଦିନ ଧରି ଭୁବନେଶ୍ୱର ସମେତ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ

ରହିଛି। ଗସ୍ତର ପ୍ରଥମ ଦିନ ରାଷ୍ଟ୍ରପତି ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ଏହାପରେ ମଙ୍ଗଳବାର ଦିନ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ କଳିଙ୍ଗ ରତ୍ନ ପୁରସ୍କାର ୨୦୨୪ ପ୍ରଦାନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ପୁଲଇସ ପ୍ରଶସାନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱର ଏମ୍ସରେ ଡିସିପି ଜଗମୋହନ ମୀନା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***Puri***

## ବାର୍ଡ ଫ୍ଲୁ

ପୁରୀ ଜିଲ୍ଲା ଡେଲାଙ୍ଗରେ ବାର୍ଡ ଫ୍ଲୁ ଭୂତାଣୁ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ପ୍ରଭାବିତ ଅଞ୍ଚଳରେ କୁକୁଡ଼ା ମାରିବା ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ୫ ଗୋଟି ଡାକ୍ତରୀ ଦଳ ନିୟୋଜିତ ହେବା ସହ ପୁଲିସ ପ୍ରଶାସନର ଉପସ୍ଥିତିରେ କୁକୁଡ଼ା ମାରିବା କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି।

***Nabarangpur***

## ଗଣଶିକ୍ଷା ମନ୍ତ୍ରୀ ବିଦ୍ୟାଳୟ ପରିଦର୍ଶନ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସେଠାରେ ଛାତ୍ରଛାତ୍ରୀଙ୍କୁ ଭେଟି ପାଠପଢ଼ା ସମ୍ପର୍କରେ ଅବଗତ ହେବା ସହ ବିଦ୍ୟାଳୟ ପରିବେଶକୁ ପରିଷ୍କାର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟର ପରିଚାଳନା ଓ ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ମନ୍ତ୍ରୀ ଶ୍ରୀ ଗଣ୍ଡ ବିସ୍ତୃତ ଆଲୋଚନା କରିବା ସହ ବିଦ୍ୟାଳୟରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ।

***Desk***

## 'ଅସ୍ତ୍ର'ର ସଫଳ ପରୀକ୍ଷଣ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ - ଡି.ଆର୍.ଡି.ଓ. ଏବଂ ଭାରତୀୟ ବାୟୁସେନାର ମିଳିତ ସହଯୋଗରେ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ଅସ୍ତ୍ର'ର ସଫଳ ପରୀକ୍ଷଣ ହୋଇଯାଇଛି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତଥା ଆକାଶମାର୍ଗରୁ ଆକାଶମାର୍ଗକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ର ଯୁଦ୍ଧାସ୍ତ୍ର ବହନ କରି ୫ ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଅସ୍ତ୍ର'ର ସଫଳ ପରୀକ୍ଷଣକୁ ନେଇ ଡି.ଆର୍.ଡି.ଓ. ଭାରତୀୟ ବାୟୁସେନାକୁ ଶୁଭେଚ୍ଛା ଜଣାଇବା ସହ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ରଗାମୀ ହେଉଥିବା ନେଇ ମତ ରଖିଛନ୍ତି। ଏ କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

***Desk***
***Desk***

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୧୪ ତାରିଖ ସୋମବାର ଦିନ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ଓ.ଟି.ଇ.ଟି.

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓ.ଟି.ଇ.ଟି.-୨୦୨୫ ନିମନ୍ତେ ଆବେଦନ କରିଥିବା ପରୀକ୍ଷାର୍ଥୀମାନଙ୍କ ପାଇଁ ଆଜିଠାରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ

ଉପଲବ୍ଧ ହେଉଛି। ଆସନ୍ତା ୨୦ ତାରିଖରୁ  ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ପରୀକ୍ଷା ରାଜ୍ୟରେ ୧୯୩ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ। ମୋଟ୍ ୭୫ ହଜାର ୪୦୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ଜଣାପଡ଼ିଛି।

***Desk***

## ପତ୍ରମାଧ୍ୟମ ଶିକ୍ଷା - ନାମଲେଖା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ୨୦୨୫-୨୬ ବର୍ଷରେ ନାମ ଲେଖାଇବାପାଇଁ ଆସନ୍ତା ସୋମବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

***Desk***

## ନବୀନ ଫେରିଲେ

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁମ୍ବାଇର ଏକ ହସ୍‌ପିଟାଲରେ ସଫଳ ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇ ଆଜି ଭୁବନେଶ୍ୱର ଫେରିଛନ୍ତି। ଗତ ଜୁନ୍ ୨୦ ତାରିଖରେ ସର୍ଭାଇକାଲ୍ ଆର୍ଥ୍ରାଇଟିସ୍‌ରେ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

*BHK*

## ଚାରାରୋପଣ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବାଲିଗାଁ ସେବା ସମବାୟ ସମିତିଠାରେ ମା’ ପାଇଁ ଗଛଟିଏ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାର ବନ୍ତ, ଆଗରପଡ଼ା, ବାସୁଦେବପୁର ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ମଧ୍ୟ ଚାରାରୋପଣ କରାଯାଇଛି। ଏହି ଅବସରରେ ‘ବୃକ୍ଷ ହିଁ ଜୀବନ ଉପରେ’ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

*Desk*

## ପାଣିପାଗ

ଛତିଶଗଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୨୪ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ହୀରାକୁଦ ଜଳଭଣ୍ଡାରରୁ ୧୪ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଓ କେନାଲ୍‌ଗୁଡ଼ିକୁ ନିଷ୍କାସନ ଜାରି ରହିଛି । ମଧ୍ୟାହ୍ନ ୧୨ଟା ସୁଦ୍ଧା ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୮୮ ହଜାର ୪୯୨

ଘନଫୁଟ ଜଳ ପ୍ରବେଶ କରୁଛି। ଏହାସହ ୨ ଲକ୍ଷ ୪୦ ହଜାର ୮୫୮ ଘନଫୁଟ ଜଳ ନିଷ୍କାସିତ ସ୍ଲୁଇସ୍ ଗେଟ୍ ଦେଇ ନିଷ୍କାସିତ ହେଉଥିବା ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

********************************